**ଶିଶୁ ଶ୍ରମ କୁ ରୋକିବା ପାଇଁ ସାର୍ବଜନିନ ସାମାଜିକ ସୁରକ୍ଷା ଆବଶ୍ୟକ**

**ପିକକ୍ ଦ୍ୱାରା ବିଶ୍ୱ ଶିଶୁ ଶ୍ରମ ବିରୋଧ ୨୦୨୨ ଦିବସ ପାଳନ**

୧୨ / ଜୁନ: ବିଶ୍ୱ ଶ୍ରମ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ୨୦୨୨ ପାଳନ ନିମନ୍ତେ ଆନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା "ଶିଶୁ ଶ୍ରମ କୁ ରୋକିବା ପାଇଁ ସାର୍ବଜନିକ ସାମାଜିକ ସୁରକ୍ଷା" କୁ ଏ ବର୍ଷ ର ବିଷୟ ବସ୍ତୁ ନିର୍ଦ୍ଧାରିତ କରାଯାଇଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଶିଶୁ ଶ୍ରମ କୁ ରୋକିବା ନିମନ୍ତେ ବିଶ୍ୱ ସ୍ତରରେ ସାମାଜିକ ସୁରକ୍ଷା କୁ ସୁଦୃଢ କରିବା କାରଣ କେବଳ ସାମାଜିକ ସୁରକ୍ଷା ଦ୍ୱାରା ହିଁ ସଙ୍କଟମୟ ପରିସ୍ଥିତି ରେ ପରିବାର ଗୁଡିକୁ ଶିଶୁଶ୍ରମ ରୁ ନିବୃତ କରାଯାଇ ପାରିବ। ଯଦିଓ ୨୦୨୦ ର ଆରମ୍ଭ ଓ କୋଭିଡ ମହାମାରୀ ପୁର୍ବରୁ ସମଗ୍ର ବିଶ୍ୱ ରେ କେବଳ ୪୬.୯ ଭାଗ ଲୋକ ଯେକୌଣସି ଗୋଟିଏ ମାତ୍ର ସମାଜିକ ସୁରକ୍ଷା ର ଲାଭ ପାଇଥିଲେ । ମାତ୍ର ୩ ଭାଗ ଶିଶୁ, ୧.୫ ବିଲିଅନ, ଏଥିରୁ ବଞ୍ଚିତ ଥିଲେ ।  ଶିଶୁ ଶ୍ରମ ର ବିରୋଧ ଓ ସାମାଜିକ ସୁରକ୍ଷା ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ରାଜ୍ୟ ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ୨୦୨୨ ବାଲିଅନ୍ତା ବ୍ଲକ ର ସତ୍ୟଭାମାପୁର ଗ୍ରାମପଞ୍ଚାୟତ ର କନ୍‌ଫରେନସ ହଲ ରେ ପାଳନ କରାଯାଇଥିଲା । ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରଧା ମହାନ୍ତି ସ୍ୱାଗତ ଭାଷଣ ଦେଇ ଏହାର ଉଦ୍ଦେଶ୍ୟ ସମ୍ପର୍କ ରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହନ୍ତି ନିଜ ବକ୍ତବ୍ୟ ରେ ସାମାଜିକ ସୁରକ୍ଷା କୁ ସୁଦୃଢ କରିବା ସହିତ ସ୍କୁଲ ରେ ସୁରକ୍ଷିତ ଓ ଗୁଣାତ୍ମକ ଶିକ୍ଷା ମାଧମରେ ଶିଶୁ ଶ୍ରମ କୁ ରୋକାଯାଇ ପାରିବ ବୋଲି ନିଜର ମତ ପ୍ରକାଶ କରିଥିଲେ । ଏଥି ନିମନ୍ତେ ସବୁ ସ୍ତରରେ ଉଦ୍ୟମ କରାଯିବା ଉଚିତ୍ ବୋଲି ଶ୍ରୀଯୁକ୍ତ ମହାନ୍ତି କହିଥିଲେ ।

ଏହି କାର୍ଯ୍ୟକ୍ରମ ରେ ଭାଗ ନେଇ ଏବିଇଓ ସୁବାସିନି ଦାସ କହିଲେ ସବୁ ପିଲା ମାନେ ସ୍କୁଲ କୁ ଆସିଲେ ହିଁ ଶିଶୁ ଶ୍ରମ ର ଉଚ୍ଛେଦ ସମ୍ଭବ। ଅନ୍ୟମାନଙ୍କ  ମଧରେ ବାଲିଅନ୍ତା ପିଏଚଇଓ ଶ୍ରୀଯୁକ୍ତ ସନ୍ତୋଷ ସେଠୀ, ବାଲିଅନ୍ତା ର ବିଭିନ୍ନ ପଞ୍ଚାୟତ ସରପଞ୍ଚ ଯଥା ରଶ୍ମିତା ଭୋଇ, ସତ୍ୟଭାମାପୁର, ହୃଷିକେଶ ପାତ୍ର, ବେଣୁପୁର, ଭଗବାନ ବେହେରା, ପୁରୋହିତ୍‌ପୁର,  ଦୁର୍ଯ୍ୟୋଧନ ମଲ୍ଲିକ, ପୁରଣପ୍ରଧାନ, ଶ୍ରଧେୟ ପାତ୍ର, ପ୍ରତାପରୁଦ୍ରପୁର, ରଶ୍ମିତା ସାହୁ, ବଇଁଚୁଆ, ରମାନତା ନାୟକ, ଉମାଦେଇବ୍ରହ୍ମପୁର ଓ  ପଞ୍ଚାୟତ ସମିତିର ସଦସ୍ୟ ଯଥା ମମତା ମାହାରି, ପୁରଣପ୍ରଧାନ, ରଂଜନ କୁମାର ମହାପାତ୍ର, ଉମାଦେଇବ୍ରହ୍ମପୁର, ମନୋରଞ୍ଜନ ସାହୁ, ପୁରୋହିତପୁର, ଓ କାକରୁଦ୍ରପୁର ନୋମିନି ମିଲିଲତା ବେହେରା ଏବଂ ସିଆରସିସି ମାନେ ଯଥା ପରିକ୍ଷିତ ସାହୁ, ତପନ ମହାନ୍ତି, ନରୟଣ ଚଂଦ୍ର ଲେଙ୍କା, ବିଭୁତି କିଶୋର ସାହୁ ଓ ଗଣେଶ୍ୱର ବିଶ୍ୱାଳ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ୧୦୦ ଅଧିକ ଲୋକ ଯଥା ଅଙ୍ଗନବାଡୀ କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ର ସଦସ୍ୟା ମାନେ ଭାଗ ନେଇ ଥିଲେ । ବିପୁଳ ଜନସଚେତନତା, ବିଭିନ୍ନ ବିଭାଗ ମଧରେ ସହଯୋଗ ଓ ସମନ୍ୱୟ, ପିତାମାତା, ପରିବାର ଓ ସମାଜର ସହୋଯୋଗ ଏବଂ ଦୃଢ ସମଜିକ ସୁରକ୍ଷା ଓଡିଶା କୁ ଶିଶୁ ଶ୍ରମ ମୁକ୍ତ କରିବାରେ ସାହାଜ୍ୟ କରିବ ବୋଲି ବକ୍ତା ମାନେ ମତ ଦେଇଥିଲେ । ଶିଶୁଶ୍ରମ ଉପରେ ଏକ ଛୋଟ ଚଳଚିତ୍ର ର ଉନ୍ମୋଚନ ମଧକରଯାଇ ଥିଲା ।

ପିକକ ପକ୍ଷରୁ ଏପ୍ରଲ୍ ୩୦ ତାରିଖ ଜାତୀୟ ଶିଶୁଶ୍ରମ ନିରୋଧ ଦିବସ ରୁ ଆରମ୍ଭ ହୋଇଥିବା ୪୪ ଦିନିଆ ଶିଶୁ ଶ୍ରମ ବିରୋଧ ଅଭିଯାନ ଓଡିଶା ର ବିଭିନ୍ନ ଜିଲ୍ଲା ରେ ମଧ ପାଳନକରାଯାଇ ଥିଲା । ଏହି ଅବସରରେ ଓଡିଶା ସରକାରଙ୍କର ଶ୍ରମ ବିଭାଗ ଦ୍ୱାରା ଆୟୋଜିତ ୧୫ ଦିନିଆ ଶିଶୁ ଶ୍ରମ ବିରୋଧ ଅଭିଯାନରେ ମଧ ପିକକ୍ ଓତପ୍ରୋତ ଭାବରେ ଜଡିତ ଥିଲା ।

ପିକକ୍ ର ଜ୍ୟୋତିଶଙ୍କର ମହାନ୍ତି, ଅଲ୍ପନା ଦାଶ, ଉପମା ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ।